## ସଂକ୍ଷେପରେ

### ଆଜି ତୁମୁଡ଼ିବନ୍ଧ ଆସିବେ ରାଜ୍ୟପାଳ
#### ଜାଲେଶପଙ୍କା କନ୍ୟାଶ୍ରମ ବାର୍ଷିକ ଉତ୍ସବରେ ଯୋଗଦେବେ

ତୁମୁଡ଼ିବନ୍ଧ,୭।୨(ଡି.ଏନ୍.ଏ.)- ତୁମୁଡ଼ିବନ୍ଧ ଜଲେଶପଙ୍କାସ୍ଥିତ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ୩୫ତମ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାଗତ ପାଇଁ ଗୁରୁବାର କନ୍ୟାଶ୍ରମରେ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

### ଡ୍ୟାମରେ ବୁଡ଼ି ଯୁବତୀ ମୃତ

ଫୁଲବାଣୀ ଅଫିସ, ୭।୨-ଫୁଲବାଣୀ ସଦର ଥାନା ମିଣିଆ ପଞ୍ଚାୟତ ଭଣ୍ଡାରିପଦର ଡ୍ୟାମରେ ବୁଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିତା ପ୍ରଧାନ। ମିଳିଥିବା ସୂଚନା ଅନୁଯାୟୀ, କବିତାଙ୍କର ବାତ ରୋଗ ଥିଲା। ଗାଧୋଇ ଯାଇଥିବାବେଳେ ସେଠାରେ ବାତ ମାରିବାରୁ ପାଣିରେ ବୁଡ଼ି ଯାଇଥିଲେ। ଝିଅ ଘରକୁ ନ ଫେରିବାରୁ ବାପା ସେନାପତି ଖୋଜାଖୋଜି କରିଥିଲେ। ଡ୍ୟାମ ପାଖରେ ତାଙ୍କର ଡ୍ରେସ ପଡିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି।

### ମୋ ଗାଁରେ ତହସିଲ, ମୋ ନିବେଦନ କାର୍ଯ୍ୟକ୍ରମ

କନିଷି,୭।୨(ଡି.ଏନ୍.ଏ.)
ରଙ୍ଗପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ମୋ ଗାଁରେ ତହସିଲ ଓ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କନିଷି ତହସିଲଦାର ରାଜ କିଶୋର ଜେନା, ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପିଏ ମନୁ ପାତ୍ର, ହିସାବ ରକ୍ଷକ ପ୍ରଦୀପ କୁମାର ସୁବୁଦ୍ଧି ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକମାନେ ଯୋଗ ଦେଇଥିଲେ। ଏଥିରେ କୋଲଥିଗାଁ, ପଦ୍ମପୁର, ରଙ୍ଗପୁର ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଭତ୍ତା, ବିଭିନ୍ନ ଆବାସ ଯୋଜନା ଓ ଘରପଟ୍ଟା ପାଇଁ ବହୁ ବହୁ ଲୋକ ଆବେଦନ କରିଥିଲେ। ଏଥିରେ ରଙ୍ଗପୁର ପଞ୍ଚାୟତର ସରପଞ୍ଚ ରଶ୍ମିତା ପଟ୍ଟନାୟକ, ବ୍ଲକ ଉପାଧକ୍ଷ ଅଜିତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ

ଆସିକା,୭।୨(ଡି.ଏନ୍.ଏ.)- ଆସିକା ଏନ୍ଏସ୍ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ପ୍ରାଥମିକ ସ୍ତରରେ ପୁରୁଣାଥାନା ନିକଟରେ ରାସ୍ତାକଡରେ ପଡି ରହିଥିବା ଭଙ୍ଗାରୁଜା ଗାଡିକୁ ଉଠାଇ ନିଆଯାଇଛି। ଏହାଛଡା ଡାକବାଜି ଯନ୍ତ୍ର ମାଧମରେ ୨୪ ଘଣ୍ଟା ମଧରେ ସହରାଞ୍ଚଳର ବିଭିନ୍ନ ରାସ୍ତା କଡରେ ଏଭଳି ପଡି ରହିଥିବା ଭଙ୍ଗାରୁଜା ଗାଡିକୁ ଉଠାଇ ନେବାଲାଗି ନିର୍ଦ୍ଦେଶ ଦିଆଯାଇଛି। ତା ସାଙ୍ଗକୁ ବିଭିନ୍ନ ନାଳନର୍ଦ୍ଦମା ଉପରେ ବେଆଇନ ଭାବେ କରାଯାଇଥିବା ନିର୍ମାଣକୁ ୪୮ ଘଣ୍ଟା ମଧରେ ହଟା ନ ଗଲେ ଏନ୍ଏସି ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ଚେତାଇ ଦିଆଯାଇଛି।

# ସହଯୋଗ ବିନା ଉନ୍ନୟନମୂଳକ କାର୍ଯ୍ୟ ଅସମ୍ଭବ

## ଫୁଲବାଣୀ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ଫୁଲବାଣୀ ଅଫିସ, ୭।୨
ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟିର ପ୍ରଥମ ବୈଠକ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଙ୍ଗଦ କହଁର ଏଥିରେ ଅଧକ୍ଷତା କରି ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କ ବିନା ସହଯୋଗରେ ସରକାରଙ୍କ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ବିଭାଗର ଅଧିକାରୀ ସେମାନଙ୍କ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ତଥ୍ୟ ଗଦା କରିଦେଲେ। ବାସ୍ତବରେ ଏସବୁ କାର୍ଯ୍ୟ କେତେଦୂର ଚାଲୁଛି ଏବଂ ଲୋକେ ପ୍ରକୃତରେ ଉପକୃତ ହେଉଛନ୍ତି କି ନାହିଁ, ତାହା ବିଧାୟକ ନିଜେ ଜାଣି ପାରିବେ ନାହିଁ ବୋଲି ଜଣାପଡୁଥିଲା। କାରଣ ସେଭଳି କିଛି ବଳିଷ୍ଠ ଅଭିଯୋଗ କେଉଁ ବିଭାଗ ବିରୋଧରେ ଆଣି ପାରି ନ ଥିଲେ। ଯାହା ଫଳରେ କାହକୁ ପ୍ରଶ୍ନ ବାଣରେ ଘାଇଲା କରି ପାରି ନ ଥିଲେ।

ଫୁଲବାଣୀ, ଖଜୁରିପଡ଼ା, ଫିରିଙ୍ଗିଆ ଓ ଚକାପାଦ ବ୍ଲକରେ କେଉଁ ଜନକଲ୍ୟାଣ କାର୍ଯ୍ୟ ସରିଛି, କେଉଁ କାର୍ଯ୍ୟ ଚାଲୁ ରହିଛି ଏବଂ ଆଗକୁ ରହିଥିବା ନୂଆ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ତଥ୍ୟ ପ୍ରଦାନ କରିଥିଲେ। ଜାତୀୟ ଉଦ୍ୟାନ କୃଷି ମିଶନ ମାଧମରେ ୮୯ ହେକ୍ଟର ଜାଗାରେ ଶତକଡ଼ା ୫୦ ଭାଗ ସହାୟତା ଦେଇ ଆମ୍ବ, ଡାଳିମ୍ବ, ଲିଚୁ ଆଦି ଫଳ ଚାଷ କରାଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧମରେ ୧୯୫ ହେକ୍ଟର ପରିମିତ ଜାଗାରେ ଆମ୍ବ, ଲିଚୁ, କାଜୁ ଆଦି ଫଳ ବଗିଚା ସ୍ଥାପନ କରାଯାଇଛି। ୧୫୦ ହେକ୍ଟର ଜମିରେ ହେକ୍ଟର ପିଛା ୨୦ ହଜାର ଟଙ୍କା ସହାୟତା ପ୍ରଦାନ ପୂର୍ବକ ଶଙ୍କର କିଶମ ପନିପରିବା ଚାଷ କରାଯାଇଛି। ୩୫ ହେକ୍ଟର ଜମିରେ ହେକ୍ଟର ପିଛା ୧୨ ହଜାର ଟଙ୍କା ସହାୟତା ପ୍ରଦାନ ସହ ହଳଦୀ ଓ ଅଦା ଚାଷ କରାଯାଇଛି। ମିଶନ ଶକ୍ତିର ୨୦ ଜଣ ମହିଳାଙ୍କୁ ଛତୁ ଚାଷ ପାଇଁ ତାଲିମ ଏବଂ ୫୦ ଜଣ ମହିଳାଙ୍କୁ ପନିପରିବା ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଛି। ୨୫ ହେକ୍ଟର ଜମିରେ ହେକ୍ଟର ପିଛା ୧୫ ହଜାର ଟଙ୍କା ସହାୟତା ପ୍ରଦାନ ସହିତ ଆଳୁ ଚାଷ କରାଯାଇଛିବୋଲି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁଚନା ଦେଇଥିଲେ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ୩୦ ହେକ୍ଟର ଜମିରେ ଧନିଚା ଚାଷ କରା ଯାଇଥିବା ବେଳେ ୧୦୦ ହେକ୍ଟର ଜମିରେ ଧାଡ଼ି ରୁଆ ଧାନ ଚାଷ କରାଯାଇଛି।

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ମାଧମରେ ୩୨ଟି ଜଳ ବିଭାଜିକା ପ୍ରକଳ୍ପ ଚାଲୁ ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ବ୍ଲକରେ ୫୦ଟି କ୍ଷେତ ପୋଖରୀ ଖନନ ଆରମ୍ଭ ହୋଇଛି। ର୍ୟାଡ୍ ଯୋଜନା ମାଧମରେ ଫିରିଙ୍ଗିଆ ବ୍ଲକର ଜାର୍ଗିପଡ଼ା ଓ ଖଜୁରୀପଡ଼ା ବ୍ଲକର ଗ୍ରେଡ୍ରିପାଙ୍କୁ ଗ୍ରାମରେ ହେକ୍ଟର ପ୍ରତି ୨୫ହଜାର ଟଙ୍କା ସହାୟତାରେ ହିତାଧିକାରୀଙ୍କୁ ଚାଷ ଓ ପ୍ରାଣୀସମ୍ପଦ ବିକାଶ ପାଇଁ ଅନୁଦାନ ଦିଆଯାଇଛି। ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ବହିଃ ଭ୍ରମଣର ବ୍ୟବସ୍ଥା କରାଯାଇ ଚଳିତ ବର୍ଷ ୧୫୬ ଜଣଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି କୃଷି ବିଭାଗ ପକ୍ଷରୁ ସୁଚନା ଦିଆ ଯାଇଥିଲା।

ବେସାମରିକ ଯୋଗାଣ ଅଧିକାରୀଙ୍କ ପକ୍ଷରୁ ଫୁଲବାଣୀ ବିଧାନସଭା କ୍ଷେତ୍ରର ୧ ଲକ୍ଷ ୭୭ ହଜାର ୩୭୩ ଜଣଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ସମୁଦାୟ ୧ଲକ୍ଷ ୬୯ ହଜାର ୩୨୫ ଜଣଙ୍କୁ ସାମିଲ କରାଯାଇ ଥିବା ତଥ୍ୟ ଦିଆ ଯାଇଥିଲା। ସେହିପରି ଜିଲା ସାମାଜିକ ସୁରକ୍ଷା ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ସାମାଜିକ ମଙ୍ଗଳ ବିଭାଗ, ରାସ୍ତା ଓ କୋଠାବାଡ଼ି, ପାଇପ୍ ଜଳ ଯୋଗାଣ, ଜଙ୍ଗଲ, ଜଳ ସେଚନ ଓ ଶକ୍ତି ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟ ଉପରେ ତଥ୍ୟ ପ୍ରଦାନ କରା ଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ, ଫୁଲବାଣୀ, ଖଜୁରିପଡ଼ା, ଫିରିଙ୍ଗିଆ ଓ ଚକାପାଦ ବ୍ଲକ୍‌ର ବିଡିଓ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପାଟପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ


କୃତୀ ଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ପାଟପୁର,୭।୨
ସାନଖେମୁଣ୍ଡି ବ୍ଲକ ପାଟପୁର ଉଚ୍ଚ ବିଦ୍ୟାଳୟର ୫୭ ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେଓଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଅଧାପିକ ଡ଼. କୈଳାଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଧାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, ପାଟପୁର ସରପଞ୍ଚ ଟି. ବାବୁ ସୁବୁଦ୍ଧି, ରାଧାଦେଇପୁର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ବାରିକ ଯୋଗଦେଇ ଛାତ୍ରମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେଓ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ସାହୁ ଅତିଥି ପରିଚୟ ଓ କନକଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିସିଟିଭି ନଜରରେ ରହିବ ଫୁଲବାଣୀ ସହର

ଫୁଲବାଣୀ ଅଫିସ, ୭।୨
ଏଥର ସାବାଡ ହେବେ ଦ୍ରୁତଗତିରେ ଗାଡି ଚଳାଉଥିବା ଚାଳକ। ବ୍ୟାଙ୍କ ସମ୍ମୁଖ ସମେତ ସହରର ବିଭିନ୍ନ ସ୍ଥାନରେ ଚୋରି ଏବଂ ଛିନ୍‌ତାଇ କରି ଖସି ଯାଉଥିବା ଅପରାଧୀ ଆଉ ଖସିବା ସମ୍ଭବ ହେବ ନାହିଁ । କାରଣ ସମଗ୍ର ସହର ଏଥର ସିସିଟିଭି ଅଧିନରେ ରହିବ।

ଫୁଲବାଣୀ ସହରରେ ସିସିଟିଭି ଲାଗିବା ନେଇ ବହୁ ଆଗରୁ ଦାବି ହୋଇ ଆସୁଥିଲା । ଏହା ନ ଥିବାରୁ ଚୋରି, ଡକାୟତି ଆଦି ବଢ଼ି ଚାଲିଥିଲା । ଗତ ସଡକ ସୁରକ୍ଷା କମିଟି ବୈଠକରେ ସହରର ପ୍ରମୁଖ ସ୍ଥାନରେ ସିସିଟିଭି ଲାଗିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ସରକାରଙ୍କୁ ପ୍ରସ୍ତାବ ଦିଆ ଯାଇଥିଲା। ଏବେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି । ସହରର ଗୋଗପନ୍ଥୁ ଛକ, ବସ୍ ଷ୍ଟାଣ୍ଡ, ଏଫ୍‌ସିଆଇ ଛକ, ଜଗନ୍ନାଥ ମନ୍ଦିର ଛକ, ପେଟ୍ରୋଲ ପମ୍ପ ଛକ, ମାଦିକୁନ୍ଦା ଛକ, କଲେଜ ଛକ, ଷ୍ଟେଟ ବ୍ୟାଙ୍କ ସମ୍ମୁଖ, କୋର୍ଟ ଛକରେ ସିସି ଟିଭି ଲାଗିବ। ଶୁକ୍ରବାର ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଏସ୍‌ପି ପ୍ରତୀକ ଗୀତା ସିଂ ଉପସ୍ଥିତ ରହି ଏହାର ତଦାରଖ କରୁଛନ୍ତି। ସମସ୍ତ ସିସିଟିଭିର କଣ୍ଟ୍ରୋଲ ରୁମ ଫୁଲବାଣୀ ଟାଉନ ଥାନାରେ ରହିବ।



ଏସ୍‌ପି ସିସିଟିଭି କାର୍ଯ୍ୟକ୍ରମର ଅନୁଧ୍ୟାନ କରୁଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ

ଗୋପାଳପୁର,୭।୨
ସ୍କୁଟି ପଛକୁ ଅଟୋ ଧକ୍କା ଦେବାରୁ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଆର୍ଯ୍ୟପଲ୍ଲୀର ଏ.ଦେବରାଜ (୩୫)। ଗୋପାଳପୁର ପୋଲିସ ନଂ. ୧୬/୨୦ରେ ମାମଲା ରୁଜୁ କରିଛି। ଗଞ୍ଜାମ ପୋଲିସ ଜିଲାର ଆର୍ଯ୍ୟପଲ୍ଲୀ ମେରାଇନ ଥାନା ବଡ଼ଆର୍ଯ୍ୟପଲ୍ଲୀର ଦେବରାଜ ସ୍କୁଟିଯୋଗେ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ପୂର୍ବାହ୍ନରେ ସେଠାରୁ ଗୋପାଳପୁର ଅଭିମୁଖେ ଆସୁଥିବାବେଳେ ଅଶୋକା ଇନ୍ ହୋଟେଲ ନିକଟରେ ଏକ ଅଟୋ ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମହିଳା ଡାକ୍ତରଙ୍କ ବଦଳି
## କାର୍ଯ୍ୟରେ ଯୋଗଦେଲେ ୨ ନୂଆ ଡାକ୍ତର

ଦିଗପହଣ୍ଡି,୭।୨(ଡି.ଏନ.ଏ.)
ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ତଥା ମହିଳା ଡାକ୍ତର ସୁପ୍ରଭା ସାହୁଙ୍କୁ ବ୍ରହ୍ମପୁର ସ୍ଥିତ ସି.ଟି ହସ୍ପିଟାଲକୁ ଡେପୁଟେଶନରେ ବଦଳି କରାଯାଇଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଡା.ପ୍ରୀତମ ମହାପାତ୍ର ଓ ଡା.ସତେଜ ପଟ୍ଟନାୟକ ଶୁକ୍ରବାର ଏଠାରେ ଯୋଗ ଦେଇଛନ୍ତି। ଚିକିତ୍ସାରେ ଅବହେଳା କରୁଥିବା ମହିଳା ଡାକ୍ତରଙ୍କୁ ଏଠାରୁ ଶୀଘ୍ର ବଦଳି କରିବାକୁ ସ୍ଥାନୀୟଲୋକେ ଦୀର୍ଘ ଦିନ ଧରି ଦାବି କରୁଥିଲେ। ଶୁକ୍ରବାର ସେ ଦାୟିତ୍ୱ ହସ୍ତାନ୍ତର କରି ରିଲିଭ ହୋଇଛନ୍ତି। ଗତ ୨୯ ତାରିଖରେ ତପ୍ତପାଣି ଘାଟିରେ ବସ୍ ଦୁର୍ଘଟଣାରେ ମୃତାହତମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମହିଳା ଡାକ୍ତର ସରକାରୀ କ୍ୱାର୍ଟରରୁ ବହୁ ବିଳମ୍ବରେ ଆସିବାପହଞ୍ଚିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଫେରିଯିବା ପରେ ଦିଗପହଣ୍ଡି ଏନ୍ଏସିର ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ବହୁ ଜନସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମହିଳା ଡାକ୍ତରଙ୍କୁ ତୁରନ୍ତ ବଦଳି କରିବା ପାଇଁ ଉପସ୍ଥିତ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଜିଲାପାଳଙ୍କ ସୁପାରିଶ ଅନୁସାରେ ମହିଳା ଡାକ୍ତର ସାହୁଙ୍କୁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ସି.ଟି ହସ୍ପିଟାଲରେ ଯୋଗଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏବଂ ଅନ୍ୟ ୨ ଡାକ୍ତର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟଭାର ଗ୍ରହଣ କରିବାକୁ ଚିଠି କରାଯାଇଥିଲା। ଏ ନେଇ ମହିଳା ଡାକ୍ତରଙ୍କୁ ପଚାରିବାରୁ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଅସତ୍ୟ ବୋଲି କହିଛନ୍ତି।

# ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ପିଡି

ଧରାକୋଟ,୭।୨(ଡି.ଏନ.ଏ.)
ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧରାକୋଟ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ତାଙ୍କ ସହ ବିଡିଓ ବିବୁଧ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଶତପଥୀ, ରଞ୍ଜନ କୁମାର ସାମଲ, ସରପଞ୍ଚ ଦୟାନିଧି ପ୍ରଧାନ, ସରପଞ୍ଚ ପ୍ରତିନିଧି ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆନୁକୂଲ୍ୟରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଢଉଗାଁ ଆଦର୍ଶ ବନ୍ଧ ନିର୍ମାଣ କାର୍ଯ୍ୟ ଦେଖି ପୁଣି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ୩୫ ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ଓଳମ୍ବା ପଞ୍ଚାୟତ କାର୍ଯ୍ୟାଳୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ପିଣ୍ଡାଝରିର ବନ୍ଧ, କାଣିଆନାଳ କାନଗିରିଡ଼ି କାମ ଦେଖି ଅଧିକ ଅର୍ଥ ମଞ୍ଜୁର କରିଥିଲେ। ସେହିପରି ଧରାକୋଟ ପଞ୍ଚାୟତର ଚାଞ୍ଚରାପଲ୍ଲୀ ଗ୍ରାମର ଅଗୁଳବନ୍ଧକୁ ଆଦର୍ଶ ବନ୍ଧ ତାଲିକାରେ ସାମିଲ କରିବା ସହ ଅଧିକ ଆର୍ଥିକ ଅନୁଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ। ମା ପୋଡ଼ାଦେଇ ପୀଠ ଓ କାଠୁଲିଆ ଶାନ୍ତିଝରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ।


ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବୁଲି ଦେଖୁଛନ୍ତି।

# ତେଲୁଗୁ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

## ବରଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ପାତ୍ରପୁର,୭।୨(ଡି.ଏନ୍.ଏ.)
ପାତ୍ରପୁର ବ୍ଲକ ଆନ୍ଧ୍ର ସୀମାକୁ ଲାଗିଥିବା ବରଙ୍ଗ ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆର୍. ରତ୍ନା କୁମାରୀ ଓ ବିଆର୍‌ସିସି ସୁଶିଲ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରଧାନ ଶିକ୍ଷକ ପ୍ରଫୁଲ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପରାଙ୍କୁଷ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଭଗବାନ ବେହେରା, ରାଜ୍ୟ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ବିବରଣୀ ପାଠ କରିଥିଲେ। ତେଲୁଗୁ ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କୁ ତେଲୁଗୁ ପାଠ୍ୟ ପୁସ୍ତକ ଠିକଣା ସମୟରେ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରାଯିବ। ପଡୋଶୀ ଆନ୍ଧ୍ର ପ୍ରଶାସନ ଛାତ୍ରୀଛାତ୍ରମାନଙ୍କୁ ଦେଉଥିବା ସୁବିଧା ସୁଯୋଗକୁ ଦୃଷ୍ଟିକୁ ନ ନେଇ ଗ୍ରାମ୍ୟ କମିଟି କରି ସ୍ଥାନୀୟ ବିଦ୍ୟାଳୟରେ ପିଲାମାନଙ୍କ ନାମ ଲେଖାଇବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



# ଗଣିତ (MATHEMATICS)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

**କିମ୍ବା,** ଦତ୍ତ : ABC ବୃତ୍ତରେ O କେନ୍ଦ୍ର ଏବଂ $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ କ୍ଷୁଦ୍ର ଚାପ ।




$\overline{AB}$ ଓ $\overline{CD}$ ଚାପଦ୍ୱୟର ସମ୍ପୃକ୍ତ ଜ୍ୟା

(ଯଦି $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ ବୃହତ୍ ଚାପ ହୁଅନ୍ତି
ତେବେ ସେମାନଙ୍କର ବିପରୀତ ଚାପଦ୍ୱୟ ସର୍ବସମ କ୍ଷୁଦ୍ରଚାପ ହେବେ ।
ସୁତରାଂ କେବଳ କ୍ଷୁଦ୍ର ଚାପ ପାଇଁ ପ୍ରମାଣ ଯଥେଷ୍ଟ ।)

**ପ୍ରାମାଣ୍ୟ :** $\overline{AB} \cong \overline{CD}$

**ଅଙ୍କନ :** $\overline{OA}$, $\overline{OB}$, $\overline{OC}$ ଏବଂ $\overline{OD}$ ଅଙ୍କନ କର ।

**ପ୍ରମାଣ :** $\Delta OAB$ ଏବଂ $\Delta OCD$ ମଧରେ $OA = OC$, $OB = OD$ (ଏକା ବୃତ୍ତର ବ୍ୟାସାର୍ଦ୍ଧ)

$m\angle AOB = m\angle COD$

($\because$ $\overset{\frown}{AXB} \cong \overset{\frown}{CYD}$ ହେତୁ ସେମାନଙ୍କର ଡ଼ିଗ୍ରୀ ପରିମାପ ସମାନ)

ଅତଏବ $\Delta OAB \cong \Delta OCD$ (ବାହୁ - କୋଣ - ବାହୁ ସର୍ବସମତା)

$\Rightarrow AB = CD \Rightarrow \overline{AB} \cong \overline{CD}$ **(ପ୍ରମାଣିତ)**

(ii) $\cos 70^0 + \cos 50^0 = \sin 80^0$

ବାମପକ୍ଷ $= \cos(60^0 + 10^0) + \cos(60^0 - 10^0)$
$= 2\cos 60^0 \cdot \cos 10^0$
$= 2 \times \frac{1}{2} \cdot \cos(90^0 - 80^0) = \sin 80^0$
= ଦକ୍ଷିଣପକ୍ଷ **(ପ୍ରମାଣିତ)**

**କିମ୍ବା,** ଦୁର୍ଗର ଉଚ୍ଚତା 30 ମି.
ଦୁର୍ଗର ପାଦ ଦେଶ ସହ ଏକ ସମତଳରେ ଅବସ୍ଥିତ D ଓ C ବିନ୍ଦୁରୁ A ର କୌଣିକ ଉନ୍ନତିର ପରିମାଣ ଯଥାକ୍ରମେ $30^0$ ଏବଂ $45^0$ ।




ମନେକର CD = x ମିଟର

$\Delta ACB$ ରେ $\tan 45^0 = \frac{AB}{CB} \Rightarrow 1 = \frac{30}{CB}$

$\Rightarrow CB = 30$ ମି.

$\Delta ADB$ ରେ $\tan 30^0$

$= \frac{AB}{DB} \Rightarrow \frac{1}{\sqrt{3}} = \frac{AB}{DC + CB} \Rightarrow \frac{1}{\sqrt{3}} = \frac{30}{x + 30}$

$\Rightarrow 30\sqrt{3} = x + 30 \Rightarrow 30 \times 1.732 - 30 = x$

$\Rightarrow x = 51.96 - 30 = 21.96$ ମି.

$\therefore$ ବିନ୍ଦୁଦ୍ୱୟ ମଧରେ ବ୍ୟବଧାନ 21.96 ମି.

**15.(i)** ମନେକର ବୃତ୍ତକଳାର ବ୍ୟାସାର୍ଦ୍ଧ = r ମି.
ବୃତ୍ତକଳାର ଚାପର ଦୈର୍ଘ୍ୟ(L) = 22 ମି.

$\therefore$ ବୃତ୍ତକଳାର କ୍ଷେତ୍ରଫଳ $= \frac{1}{2} \times Lr$.

$\Rightarrow 231 = \frac{1}{2} \times 22 \times r \Rightarrow r = \frac{231 \times 2}{22} = 21$ ମି.

ମନେକର ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $= \theta^0$

ଚାପର ଦୈର୍ଘ୍ୟ (L) $= \frac{\theta}{180^0} \times \pi r$

$\Rightarrow 22 = \frac{\theta}{180^0} \times \frac{22}{7} \times 21$

$\Rightarrow \theta = \frac{22 \times 180 \times 7}{22 \times 21} = 60$

$\therefore$ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $60^0$ ।

**କିମ୍ବା,** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ r ମିଟର ହେଲେ ଏହାର ପରିସୀମା $= (\pi r + 2r)$ ମିଟର
ପ୍ରଶ୍ନାନୁସାରେ $\pi r + 2r = 252$

$\Rightarrow r\left(\frac{22}{7} + 2\right) = 252$

$\Rightarrow r \times \frac{36}{7} = 252 \Rightarrow r = \frac{252 \times 7}{36} = 49$ ମି.

ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ $= \frac{1}{2} \times \pi r^2$

$= \frac{1}{2} \times \frac{22}{7} \times 49 \times 49 = 3773$ ବ.ମି.

(ii) ମନେକର ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ = r ସେ.ମି.,
$\therefore$ ବ୍ୟାସ = 2r ସେ.ମି. ଓ ଉଚ୍ଚତା (h) $= 2 \times 2r$ = 4r ସେ.ମି.

ସିଲିଣ୍ଡରର ଆୟତନ $= \pi r^2 h$

$= \frac{22}{7} \times r^2 \times 4r = \frac{88}{7} r^3$ ଘ. ସେ.ମି.

ପ୍ରଶ୍ନାନୁସାରେ, $\frac{88}{7} r^3 = 539$

$\Rightarrow r^3 = \frac{539 \times 7}{88} = \frac{343}{8} \Rightarrow r = \sqrt[3]{\frac{343}{8}} = \frac{7}{2}$ ସେ.ମି.

ଉଚ୍ଚତା (h) $= 4r = 4 \times \frac{7}{2} = 14$ ସେ.ମି.

$\therefore$ ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

$= 2\pi r(h + r) = 2 \times \frac{22}{7} \times \frac{7}{2}\left(14 + \frac{7}{2}\right)$

$= 22\left(\frac{28 + 7}{2}\right) = 11 \times 35 = 385$ ବର୍ଗ ସେ.ମି.

**କିମ୍ବା,** ତ୍ରିଭୁଜର ବାହୁତ୍ରୟର ଦୈର୍ଘ୍ୟ 5 ମି., 5 ମି., ଓ 6 ମି. ।
ତ୍ରିଭୁଜର ଅର୍ଦ୍ଧପରିସୀମା = s

$= \frac{a + b + c}{2} = \frac{5 + 5 + 6}{2} = 8$ ମି.

$\Delta$ ର କ୍ଷେତ୍ରଫଳ $= \sqrt{s(s - a)(s - b)(s - c)}$

$= \sqrt{8(8 - 5)(8 - 5)(8 - 6)}$

$= \sqrt{8 \times 3 \times 3 \times 2} = 12$ ବର୍ଗ ମି.

$\Delta$ ର ପରିସୀମା $= (5+5+6)$ ମି. $= 16$ ମି.

$\therefore$ ପ୍ରିଜିମ୍‌ର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ
$= \Delta$ ର ପରିସୀମା $\times$ ଉଚ୍ଚତା $= 16 \times 8$
$= 128$ ବର୍ଗ ମି.

ଏବଂ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ
$= \Delta$ ର ପରିସୀମା $\times$ ଉଚ୍ଚତା $+ 2 \times \Delta$ ର କ୍ଷେତ୍ରଫଳ

$= 16 \times 8 + 2 \times 12 = 128 + 24 = 152$ ବର୍ଗ ମି.

❑●❑

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୭।୨୦ (ଡି.ଏନ.ଏ): କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କାଗିଙ୍ଗିଆ ପଞ୍ଚାୟତ ରାଇକଣା ଗ୍ରାମର କାସପତି ପତ୍ରା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କାସପତି ନୂତନ ଘର କାର୍ଯ୍ୟ ତଦାରଖ କରୁଥିଲେ। ଏକ ବିଦ୍ୟୁତ୍ ତାର ଛିଡି ପଡିଥିବା ଦେଖି ଉଠାଇବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତଦନ୍ତ ଚାଲିଥିବା କହିଛନ୍ତି ବ୍ରାହ୍ମଣୀଗାଁ ଥାନା ଏସ୍ଆଇ ସଂଗ୍ରାମ କେଶରୀ ଜେନା।

### ଛାତ୍ର ନିଖୋଜ, ଥାନାରେ ଏତଲା

ସୋରଡ଼ା,୭।୨(ଡି.ଏନ.ଏ.): ସୋରଡ଼ା ବ୍ଲକର ସରାବାଡ଼ି ପଞ୍ଚାୟତର ଚାକୁଣ୍ଡା ଗ୍ରାମର ଜଣେ ଛାତ୍ର ନିଖୋଜ ହୋଇଥିବା ଗୁରୁବାର ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ଛାତ୍ରଙ୍କ ବାପାଙ୍କ ଏତଲା କ୍ରମେ ନଂ. ୩୩/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମର ଶିବରାମ ନାୟକଙ୍କ ପୁଅ ତଥା ଗ୍ରାମ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ତୁଷାର (୧୪) ବୁଧବାର ସକାଳେ ସାଇକେଲ ଧରି ଗ୍ରାମ ନିକଟ ଛକକୁ ଯାଇଥିଲେ। ପରେ ଆଉ ସେ ଘରକୁ ଫେରି ନ ଥିଲେ। ବିଦ୍ୟାଳୟ ଯିବାକୁ ସମୟ ହୋଇଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ନ ମିଳିବାରୁ ଶିବରାମ ଥାନାରେ ଏତଲା ଦେଇଥିଲେ।

### ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାଟପୁର, ୭।୨: ସାନଖେମୁଣ୍ଡି ବ୍ଲକ ଜିଉରା ଗ୍ରାମରେ ହେବାକୁ ଥିବା ବାଲ୍ୟ ବିବାହକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। ବାଲ୍ୟ ବିବାହ ହେଉଥିବା ଖବର ପାଇ ବ୍ରହ୍ମପୁର ଚାଇଲଡ୍ ଲାଇନ ପି.ପ୍ରଣୀତାଙ୍କ ନେତୃତ୍ୱରେ ସାନଖେମୁଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରୀ ସରୋଜିନୀ ବେହେରା, ସୁପରଭାଇଜର କେ.ଅଶାନ୍ତ କୁମାରୀ ପାତ୍ର, ପାଟପୁର ଏଏସ୍ଆଇ ଅର୍ଜୁନ ଶବର ଉକ୍ତ ଗ୍ରାମ ଗୁଡିକରେ ପହଞ୍ଚ ନାବାଳିକାଙ୍କ ପରିବାର ସହ ଆଲୋଚନା କରିଥିଲେ। ବାଲ୍ୟ ବିବାହ କରାଇଲେ ରହିଥିବା ଆଇନଗତ ଦଣ୍ଡ ବ୍ୟବସ୍ଥା, ଅସୁବିଧା ସମ୍ପର୍କରେ ନାବାଳିକାଙ୍କ ପରିବାରକୁ ବୁଝାଇ ବାହାଘର ବନ୍ଦ ପାଇଁ ପରାମର୍ଶ ଦେଇଥିଲେ।

### ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ

ପାଟପୁର,୭।୨: ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତ ତାଳପୁର ଗ୍ରାମରେ ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ସାନଖେମୁଣ୍ଡି ଯୁବରାଜ ବୀର କିଶୋର ଅନଙ୍ଗଭୀମ ଦେବ ଯୋଗ ଦେଇଥିବା ବେଳେ ପୁରୋହିତ ପଣ୍ଡିତ ଅର୍ଜୁନ ପଣ୍ଡା ଓ ମହନ୍ତ ବ୍ରଜ କିଶୋର ଦାସ କାର୍ଯ୍ୟ ସମାପନ କରିଥିଲେ। ସୁନୀଲ କୁମାର ମହାକୁଡ, ମିଟୁ ନାୟକ, କଂଗ୍ରେସ ସାହୁ, ଗଙ୍ଗାଧର ନାୟକ, ପିଣ୍ଟୁ ପ୍ରଧାନ, ଗଣେଶ ନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତି ଥିଲେ।

# ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଚାଲିଛି ପ୍ରାଣୀ ଚିକିତ୍ସା

**ରଙ୍ଗେଇଲୁଣ୍ଡା ବ୍ଲକ**
- ୪ କେନ୍ଦ୍ରରେ ନାହାନ୍ତି ପ୍ରାଣୀଧନ ସହାୟକ
- ନିର୍ଦ୍ଧାରିତ ସମୟରେ ଖୋଲୁନି କେନ୍ଦ୍ର

ଗୋପାଳପୁର,୭।୨

କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ବଜେଟରେ ମଧ୍ୟ କୃଷକଙ୍କ ବିକାଶ ପାଇଁ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ବ୍ୟୟ ଅଟକଳ କରୁଛନ୍ତି। ଚାଷୀମାନଙ୍କ ନିମନ୍ତେ ରିହାତିରେ ଋଣ ପ୍ରଦାନ ବ୍ୟବସ୍ଥା କରାଯାଉଛି। ବିଶେଷ କରି ମାଛ ଚାଷ ସହ ଗୋପାଳନ, ଛେଳି, ମେଣ୍ଢା, କୁକୁଡ଼ା ପାଳନ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଯୋଜନା କିଭଳି ସଫଳ ରୂପାୟନ ହୋଇପାରିବ ସେନେଇ ଉଚ୍ଚ ପଦାଧିକାରୀମାନେ ସମୀକ୍ଷା ମଧ୍ୟ କରିଥାନ୍ତି। ମାତ୍ର ଯୋଜନା ତୃଣମୂଳସ୍ତରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକରେ। ଏଠାରେ ଥିବା ଚାରୋଟି ସେଣ୍ଟରରେ ଦୀର୍ଘଦିନ ଧରି ପ୍ରାଣୀଧନ ସହାୟକ ପଦବୀ ଖାଲି ପଡ଼ିଛି। ରିପୋର୍ଟ ଅନୁସାରେ ରଙ୍ଗେଇଲୁଣ୍ଡା ବ୍ଲକରେ ୧୧ଟି ପ୍ରାଣୀଧନ ସହାୟକ କେନ୍ଦ୍ର ରହିଛି। ସେଗୁଡ଼ିକ ହେଲା ଗୋଳନ୍ଥରା, ଗୋପାଳପୁର, ଗୋଳାବନ୍ଧ, କନିଷି, ମନ୍ତ୍ରିଡ଼ି, ପଦ୍ମପୁର, କେଲୁଆପଲ୍ଲୀ, ସାତକୁରୁଣୀ, ତୁରା, ସିନ୍ଧିଗାଁ ଓ ଫୁଲଟା। ଗୋଳନ୍ଥରା, ଗୋପାଳପୁର, ମନ୍ତ୍ରିଡ଼ି ଓ ସାତକୁରୁଣୀରେ ଦୀର୍ଘଦିନ ହେଲା ପ୍ରାଣୀଧନ ସହାୟକ ପଦବୀ ଖାଲି ପଡ଼ିଛି। ଫଳରେ ଉକ୍ତ ଅଞ୍ଚଳର ଚାଷୀମାନେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବିଭିନ୍ନ ରୋଗରେ ପଶୁ ପକ୍ଷୀମାନେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଜଣେ ପ୍ରାଣୀଧନ ସହାୟକ ଦୁଇ ଦୁଇଟି ସେଣ୍ଟର ଦାୟିତ୍ୱ ଦିଆଯାଇଛି। ଫଳରେ ଠିକ୍ ସମୟରେ ପ୍ରାଣୀଧନ ସହାୟକମାନେ ସେଣ୍ଟରରେ ଉପସ୍ଥିତ ରହିପାରୁନାହାନ୍ତି। ଅନ୍ୟପଟେ ଏପ୍ରିଲ ଠାରୁ ସେପ୍ଟେମ୍ବର ସକାଳ ୭ଟାରୁ ୧୧ଟା ଓ ସନ୍ଧ୍ୟା ୪ରୁ ୬ଟା ଓ ଅକ୍ଟୋବରରୁ ମାର୍ଚ୍ଚ ୮ଟାରୁ ୧୨ଟା ଓ ୩ଟାରୁ ୫ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରଖିବାର ନିୟମ ରହିଛି। ଠିକ ସମୟରେ ପ୍ରାଣୀଧନ ସହାୟକ କେନ୍ଦ୍ରରେ ଉପସ୍ଥିତ ନରହି ବିଭିନ୍ନ ଆଳ ଦେଖାଉଛନ୍ତି। ପଶୁପକ୍ଷୀମାନେ ସାମାନ୍ୟ ଅସୁସ୍ଥ ହେଲେ ମଧ୍ୟ ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ପ୍ରାଣୀଧନ ଚିକିତ୍ସାକେନ୍ଦ୍ରକୁ ଖର୍ଚ୍ଚାନ୍ତ ହୋଇ ନେବାକୁ ପଡୁଛି। ଅନ୍ୟପଟେ ବିଭିନ୍ନ ସହାୟକ କେନ୍ଦ୍ରରେ ଆଟେଣ୍ଡାଣ୍ଟମାନେ ଚିକିତ୍ସା କରି ଷ୍ଟିଚିଂ, ଇଞ୍ଜେକସନ ଓ ସାଲାଇନ ଦେଉଛନ୍ତି। ସନ୍ଧ୍ୟା ସମୟରେ କୌଣସି କେନ୍ଦ୍ର ଖୋଲୁ ନ ଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରଭୁଦତ୍ତ ଦାଶଙ୍କ ସହ ଯୋଗାଯୋଗ କରିବାରୁ ବର୍ତ୍ତମାନ ୪ଟି କେନ୍ଦ୍ରରେ ପ୍ରାଣୀ ସହାୟକ ପଦବୀ ଖାଲି ପଡ଼ିଛି। ଉଚ୍ଚ ପଦାଧିକାରୀଙ୍କୁ ପଦବୀ ପୂରଣ ପାଇଁ ଜଣାଇ ଦିଆଯାଇଛି ବୋଲି କହିଥିଲେ।

# ପ୍ରିୟଙ୍କାଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ପାତ୍ରପୁର,୭।୨(ଡି.ଏନ୍.ଏ.)



କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

ଦିଗପହଣ୍ଡିର ପ୍ରିୟଙ୍କାରାଣୀ ରାଜୁ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସା ଚାଲିଥିବାବେଳେ ବ୍ରେନ୍ ଡେଡ୍ ହୋଇଥିଲା। ପ୍ରିୟଙ୍କାଙ୍କ ସ୍ୱାମୀ ଓ ଶ୍ୱଶୁର କିଡ୍‌ନୀ ଓ ଆଖିଦାନ କରିବାକୁ ସମ୍ମତି ଜଣାଇଥିଲେ। ଏହାପରେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରୁ ମୃତ ପ୍ରିୟଙ୍କାଙ୍କ ଶରୀରରୁ କିଡ୍‌ନୀ କଢାଯାଇ କଟକ ବଡ ମେଡିକାଲରେ ଜଣେ ରୋଗୀଙ୍କ ଦେହରେ ପ୍ରତିରୋପଣ କରାଯାଇଥିଲା। ମରି ବି ପ୍ରିୟଙ୍କା ଅମର ହୋଇ ରହିଛନ୍ତି। ତାଙ୍କ କିଡ୍‌ନୀରେ ଅନ୍ୟଜଣେ ଜୀବନ ପାଇଛନ୍ତି। ଫଳରେ ପ୍ରିୟଙ୍କାଙ୍କ ଅମର ଆତ୍ମାର୍ ସଦ୍‌ଗତି ପାଇଁ ପାତ୍ରପୁର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ବୈଶ୍ୟ ସଂଘ, ଯୁବକ ସଂଘ ଓ ମହିଳା ସଂଘ କର୍ମକର୍ତ୍ତା ସଂଘ କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ରହି ୨ ମିନଟ ନୀରବ ପ୍ରାର୍ଥନା କରିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରାରେ ପାତ୍ରପୁର ଗ୍ରାମ ପରିକ୍ରମା କରିଥିଲେ।

# ଅଯୋଗ୍ୟଙ୍କ ନାଁରେ ଏତଲା ନିର୍ଦ୍ଦେଶ

**ଫେରାଉନାହାନ୍ତି ଓଡିଆର୍‌ପି ଗୃହ ନିର୍ମାଣ ଟଙ୍କା**

ଛତ୍ରପୁର,୭।୨(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଓଡିଆର୍‌ପି ଘର ପାଇବାକୁ ଯୋଗ୍ୟ ନ ହୋଇ କେତଜଣ ଟଙ୍କା ନେଇଛନ୍ତି। ଏହି ଟଙ୍କା ସେମାନେ ଫେରାଉନାହାନ୍ତି। ସେହିପରି ପ୍ରଶାସନିକ ତ୍ରୁଟି ଯୋଗୁ କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ନିର୍ଦ୍ଧାରିତ ଅର୍ଥ ଠାରୁ ଅଧିକ ଅର୍ଥ ଟ୍ରାନ୍ସଫର ହୋଇଛି । ସେମାନେ ମଧ୍ୟ ଅଧିକ ପାଇଥିବା ଟଙ୍କା ଫେରାଉନାହାନ୍ତି। ଏପରି ୪୫୦ ଅଯୋଗ୍ୟ ଓ ୫୧ ଜଣ ଅଧିକ ଟଙ୍କା ପାଇଥିବା ହିତାଧିକାରୀ ମୋଟ ୫୦୧ ଜଣଙ୍କ ମଧ୍ୟରୁ ୪୮୦ ଜଣଙ୍କୁ ଟଙ୍କା ଫେରାଇବାକୁ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୬୬ଜଣ ଟଙ୍କା ଫେରାଇଥିବା ଜଣାପଡିଛି। ଖିଲାପିମାନେ ତୁରନ୍ତ ସୁଧ ସହ ଉକ୍ତ ଟଙ୍କା ନ ଫେରାଇଲେ ସେମାନଙ୍କ ବିରୋଧରେ ସ୍ଥାନୀୟ ଥାନାଗୁଡିକରେ ଏତଲା ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୩ରେ ହୋଇଥିବା ଫାଇଲିନ୍‌ରେ ବିଶେଷକରି ଗଞ୍ଜାମ ଜିଲାର ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ସମସ୍ତ କଚ୍ଚା ଘର ଭାଙ୍ଗିଯାଇଥିଲା। ଏହାପରେ ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ଚିକିଟି ଏବଂ ଚିଲିକା ଉପକୂଳବର୍ତ୍ତୀ ଖଲିକୋଟ ବ୍ଲକରେ ଓଡିଆରପି ପକ୍କା ଘର ନିର୍ମାଣ ପାଇଁ ଅନୁଦାନ ଦିଆଯାଇଥିଲା। ୨୦୧୪-୧୫ରୁ ଏମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଓଡିଆରପି ଟଙ୍କା ଟ୍ରାନ୍ସଫର ହୋଇଥିଲା। ଯାଞ୍ଚ ପରେ କେତେଜଣ ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଥିବାବେଳେ ଆଉ କେତେଜଣଙ୍କ ଆକାଉଣ୍ଟକୁ ଅଧିକ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଥିଲା। ଏହାପରେ ଟଙ୍କା ଫେରାଇବାକୁ ନୋଟିସ୍ ଯାଇଥିଲା।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଧ୍ୟାପିକା ଅଧ୍ୟାପକ

**ନିଷ୍ଟ ପରିଚାଳନା କମିଟି ବାଦବିବାଦ ଘଟଣା**

ଗୋପାଳପୁର,୭।୨

ଗୋଳନ୍ଥରା ଥାନା ପାଲୁର ହିଲସ୍ ନିଷ୍ଟ ପରିଚାଳନା କମିଟି ବିବାଦ ବୃଦ୍ଧି ପାଇବାରେ ଲାଗିଛି। ଛାତ୍ରୀଛାତ୍ରଙ୍କ ପ୍ରତିବାଦ ଓ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଏନେଇ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରେ ଡାଇରେକ୍ଟର ରେଜିଷ୍ଟ୍ରର ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଦୁର୍ବ୍ୟବହାର ଓ ଅନ୍ୟାନ୍ୟ କାରଣକୁ ଦେଖାଇଥିଲେ। ଏଥିଯୋଗୁ ରେଜିଷ୍ଟ୍ରରଙ୍କୁ ୩ ଥର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଉକ୍ତ ଭିଡିଓକୁ କର୍ମଚାରୀ ଓ ଅଧ୍ୟାପିକା ଅଧ୍ୟାପକ ଗ୍ରହଣ କରିପାରୁ ନ ଥିବା ବେଳେ ଆଲୋଚନାକୁ ନ ଆସି ଏଭଳି ଭିଡିଓ କାହିଁକିଭାଇରାଲ କରୁଛନ୍ତିବୋଲିପ୍ରଶ୍ନ ଉଠାଇଛନ୍ତି। ଘଟଣାକୁ ସମାଧାନ କରିବାକୁ ଡାଇରେକ୍ଟର ଓ ପ୍ରିନ୍ସପାଲ ଆସୁ ନ ଥିବା କର୍ମଚାରୀମାନେ ଅଭିଯୋଗ ଉଠାଇଛନ୍ତି। ଅଧ୍ୟାପିକା ଅଧ୍ୟାପକଙ୍କ କହିବା ପ୍ରକାରେ କିଛି ନିର୍ଦ୍ଦିଷ୍ଟ ଅଧ୍ୟାପିକା ଅଧ୍ୟାପକଙ୍କୁ ମୋଟା ଅଙ୍କର ଦରମା ଦିଆଯାଉଛି। କ୍ଷୀରୋଦ କୁମାର ମହାପାତ୍ର ରେଜିଷ୍ଟ୍ରର ହେବାଠାରୁ ଶିକ୍ଷାନୁଷ୍ଠାନ ସଂସ୍କାରମୂଳକ ହୋଇଛି। ଏ ନେଇ ଏକ ପ୍ରତିନିଧି ଦଳ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବଙ୍କୁ ସାକ୍ଷାତ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏନେଇ ଚେୟାରମ୍ୟାନ ସୁକାନ୍ତ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ବନ୍ଦ ଥିବାବେଳେ ଡାଇରେକ୍ଟର ସଂଗ୍ରାମ ମୁଦୁଲିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନଟି ସଂଯୋଗ ହୋଇପାରି ନ ଥିଲା।

# ଭାଜପାର ସିଏଏ ସମର୍ଥନ ଅଭିଯାନ


ଶେରଗଡ ଚାରିଛକରେ ଭାଜପା ନେତା ସଚେତନ କରୁଛନ୍ତି।

ଶେରଗଡ଼, ୭।୨ (ଡି.ଏନ୍.ଏ.)

ଭାଜପା ପକ୍ଷରୁ ଶୁକ୍ରବାର ସିଟିଜେନ୍ ଆମେଣ୍ଡମେଣ୍ଟ ଆକ୍ଟ (ସି.ଏ.ଏ.) ସମର୍ଥନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚାରିଛକ, ତିନିଛକ ଠାରେ ଭାଜପା କର୍ମୀମାନେ ସିଏଏ ପୁସ୍ତିକା ଧରି ଲୋକମାନଙ୍କୁ ସଚେତନ କରାଇଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ଦେବାନନ୍ଦ ମହାପାତ୍ର ଶୁଭାରମ୍ଭ କରିଥିଲେ। ଶେରଗଡ ଗ୍ରାମର କେତେକ ଲୋକଙ୍କ ଘରକୁ ଯାଇ ନାଗରିକ ସଂଶୋଧନ ବିଲ୍ କ'ଣ ଓ ଏହାଦ୍ୱାରା କ'ଣ ଫାଇଦା ହେବ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ଭାଜପାର ପୂର୍ବତନ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ପାତ୍ର, କୃଷକ ମୋର୍ଚ୍ଚା ସଭାପତି ବୃନ୍ଦାବନ ଦାଶ, କଂସ ସ୍ୱାଇଁ, ସୁଶାନ୍ତ ପାଣିଗ୍ରାହୀ, ସୀମାଞ୍ଚଳ ମହାକୁଡ, ନିରଞ୍ଜନ ପାଣିଗ୍ରାହୀ, ଦାମୋଦର ମହାପାତ୍ର, ମଧୁସୂଦନ ତ୍ରିପାଠୀ, ପୁରୁଷୋତ୍ତମ ସ୍ୱାଇଁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ ତାରିଖ ଘୁଞ୍ଚିଲା

ଗଞ୍ଜାମ,୭।୨(ଡି.ଏନ.ଏ.)

ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ୧୧ରେ ଗଞ୍ଜାମ ସହରରେ ଥିବା ଉଠା ଦୋକାନି, କ୍ୟାବିନ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ସମୟ ଧାର୍ଯ୍ୟ କରିଥିଲା। ଖବର ପ୍ରଚାରିତ ହେବା ପରେ ବ୍ୟବସାୟୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବର୍ଷକୁ ଥରେ ହେଉଥିବା ଐତିହାସିକ ଦୋଳଯାତ୍ରା ପର୍ଯ୍ୟନ୍ତ ଉଚ୍ଛେଦ ନ କରିବାକୁ ବଣିକ ସଂଘ ପକ୍ଷରୁ ଶୁକ୍ରବାର ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲଦାର ଅବନୀ କୁମାର ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସ, ଥାନାଧିକାରୀ ଦିଲୀପ କୁମାର ସାହୁ, ଡେପୁଟି ଏକ୍ଜିକ୍ୟୁଟିଭ ଇଞ୍ଜିନିୟର (ଆରଏଣ୍ଡବି) ଯମୁନା ବେହେରା, କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବିଶୋଇ, ବ୍ୟବସାୟୀ ସଂଘ ପକ୍ଷରୁ ବଡ଼ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସମ୍ପାଦକ କାହ୍ନୁ ଚରଣ ପଣ୍ଡା, ସାନବଜାର ସଂଘ ସଭାପତି ତଥା ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ, ବାବୁଲି ପଣ୍ଡା ପ୍ରମୁଖ ଆଲୋଚନା କରିବା ଉଚ୍ଛେଦ କାର୍ଯ୍ୟକୁ ମାର୍ଚ୍ଚରେ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିସଭା



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମାଲ୍ୟାର୍ପଣ କରୁଛନ୍ତି ।

ଭଞ୍ଜନଗର,୭।୨(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ପ୍ରଧାନଙ୍କ ଦ୍ୱାଦଶାହ ଅବସରରେ ଶୁକ୍ରବାର ତାଙ୍କ ଗ୍ରାମ ମୁଜାଗଡ଼ରେ ସ୍ମୃତିସଭା ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପୂର୍ବତନ ଆସିକା ଏମ୍‌ପି ନିତ୍ୟାନନ୍ଦ ପ୍ରଧାନ, ପୂର୍ବତନ ଶିକ୍ଷକ ମୁରଲୀଧର ପ୍ରଧାନ, ଶିକ୍ଷୟିତ୍ରୀ ବୈଜୟନ୍ତୀ ପ୍ରଧାନ, ଶିକ୍ଷକ ଧ୍ରୁବ ମହାରଣା, ଦେବେନ୍ଦ୍ର ମିଶ୍ର, ବିଭୂତି ଭୂଷଣ ଦାସ, ବିକଳ ପାତ୍ର, ଆଇନଜୀବୀ ଏମ୍.ତାଜ୍ ଆଦେନୀ, ଦିବାକର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଚାରଣ କରିଥିଲେ। ହରେକୃଷ୍ଣ ଶିକ୍ଷାର ବିକାଶ ପାଇଁ ବହୁ ପଦକ୍ଷେପ ନେଇଥିଲେ। ମୁଜାଗଡ଼ରେ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ତାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିବା ବେଳେ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିହ୍ନଟ ୪ଗାଁର ବିସ୍ଥାପିତଙ୍କ ସହ ଆଲୋଚନା

**ଛେଲିଗଡ ଜଳସେଚନ ପ୍ରକଳ୍ପ**

ଦିଗପହଣ୍ଡି,୭।୨(ଡି.ଏନ୍.ଏ.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଛେଲିଗଡ଼ ଗ୍ରାମ ନିକଟରେ ଏକ ବୃହତ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧୯୯୯ ମସିହାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ୨୦୦୪ରେ ଏହି ପ୍ରକଳ୍ପ ସ୍ୱୀକୃତି ପାଇବା ପରେ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରାଯାଇଥିଲା। ପ୍ରକଳ୍ପ ପାଇଁ ୫୭୪ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ସେଥିରୁ ୧୧୭ ହେକ୍ଟର ଜମି ବନ ବିଭାଗର, ୩୧୦ ହେକ୍ଟର ଜମି ରାଜସ୍ୱ ବିଭାଗର ଏବଂ ୧୪୭ ହେକ୍ଟର ଜମି ବେସରକାରୀ ସାଧାରଣ ଲୋକଙ୍କର ରହିଛି। ପ୍ରକଳ୍ପ ଯୋଗୁ ଛେଲିଗଡ଼ ପଞ୍ଚାୟତର କାକିଲି, ସୁରୁବା, ବିଦ୍ୟାଧରପୁର, ଡିଲିଗାଁ ଆଦି ୪ଟି ଗାଁ ସମ୍ପୂର୍ଣ୍ଣ ବୁଡିବା ଓ ପ୍ରାୟ ୧୭୮ ପରିବାର ପ୍ରଭାବିତ ହେବାକୁ ଥିବାରୁ ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବାବୁଲିବନ୍ଧ, ବାଲିପାଟ ଏବଂ ଗଡସାମନ୍ତରାପୁର ଗାଁ ନିକଟରେ ଚିହ୍ନଟ ଜମିରେ ଥଇଥାନ କଲୋନୀ ନିର୍ମାଣ କରାଯାଇ ନିୟମ ପ୍ରକାରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ତେବେ ବିସ୍ଥାପିତ ହେବାକୁ ଥିବା ପରିବାର ଗାଁ ଛାଡ଼ୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନ ଡ୍ୟାମ ସୁରକ୍ଷା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ମୁଖ୍ୟଯନ୍ତ୍ରୀ ଇଂ.ଅଶିନୀ ମହାନ୍ତି, ନିର୍ବାହୀ ଯନ୍ତ୍ରୀ ନଗେନ୍ଦ୍ରନାଥ ମହାରଣା, ସ୍ୱତନ୍ତ୍ର ଭୂ- ଅର୍ଜନ ଅଧିକାରୀ କରୁଣାକର ରାଇକା ପ୍ରମୁଖ ବିସ୍ଥାପିତ ହେବାକୁ ଥିବା ଗ୍ରାମର ପ୍ରାୟ ୬୦ ଗ୍ରାମବାସୀଙ୍କ ସହ ଏନେଇ ବିଭିନ୍ନ ଆଲୋଚନା କରିଥିବା ସାମାଜିକ କର୍ମୀ ଲଳିତ ମୋହନ ମହାପାତ୍ର କହିଛନ୍ତି। ବୈଠକରେ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ତେବେ ଖୁବଶୀଘ୍ର ସମସ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ

ଚିକିଟି,୭।୨(ଡି.ଏନ.ଏ.)



ଅତିଥିଙ୍କ ଦ୍ୱାରା ମହୋତ୍ସବ ଉଦ୍‌ଘାଟନ।

ଚିକିଟି ବ୍ଲକ ସୁନାପୁର ବେଳାଭୁମିଠାରେ ଚଳିତବର୍ଷ ପ୍ରଥମଥର ହେବାକୁ ଥିବା ୩ ଦିନ ଧରି ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ପରିଚାଳନା କମିଟିର ଅଧ୍ୟକ୍ଷା ତଥା ବିଧାୟିକା ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବ୍ୟାଙ୍କ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଏମ୍.ପଦ୍ମା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ତଥା ଗ୍ରାମାଞ୍ଚଳଗୁଡ଼ିକରେ ଲୁକ୍କାୟିତ ଥିବା ଲୋକକଳା, ସଂସ୍କୃତି, ସାହିତ୍ୟକୁ ଲୋକଲୋଚନକୁ ଆଣିବାର ପ୍ରୟାସ ହେଉଛି ଏହି ମହୋତ୍ସବର ଉଦ୍ଦେଶ୍ୟ । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ଅଞ୍ଚଳରୁ ଆସିଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଲମ୍ବୋଦର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହୋତ୍ସବ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ଛତୁଆ ଯୋଗାଣରେ ଅନିୟମିତତା, ତଦନ୍ତ ଦାବି

ଆର.ଉଦୟଗିରି,୭।୨(ଡି.ଏନ.ଏ.)



ଛତୁଆ ପ୍ୟାକେଟ ଓଜନ କରାଯାଉଛି।

ଆର.ଉଦୟଗିରି ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରିବାକୁ ଦାବି ହୋଇଛି। ପୂର୍ବରୁ ଜିଲାରେ ପୋକରା ଡାଲି ଯୋଗାଣକୁ ନେଇ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଛତୁଆ ଦୁର୍ନୀତି ଅଭିଯୋଗ ହେଉଛି।

ବ୍ଲକରେ ୨୩୦ ଅଙ୍ଗନୱାଡି କେନ୍ଦ୍ର ଏବଂ ୧୮୫ଟି ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରେ ୪୧୮ ଜଣ କର୍ମୀ କାର୍ଯ୍ୟରତ। ୬ ମାସରୁ ୩ ବର୍ଷ ଯାଏ ଶିଶୁକୁ ୨ କେଜି ୨୦୫ ଗ୍ରାମ, ଗର୍ଭବତୀଙ୍କୁ ମାସକୁ ୪ କେଜି ୪୧୦ ଗ୍ରାମ ଛତୁଆ ଦିଆଯିବାର ବ୍ୟବସ୍ଥା ରହିଛି। ବ୍ଲକର ସମସ୍ତ କେନ୍ଦ୍ରକୁ ୪ଟି ଗ୍ରୁପକୁ ଛତୁଆ ଯୋଗାଣ ଦାୟିତ୍ୱ ଦିଆଯାଇଛି। ଛତୁଆରେ ଆବଶ୍ୟକ ପରିମାଣର ଦ୍ରବ୍ୟ ମିଶାଇବାର ସରକାରଙ୍କ ନିୟମ ରହିଛି। କିନ୍ତୁ ଛତୁଆ ଯୋଗାଣ କରୁଥିବା ଗ୍ରୁପମାନେ ସରକାରୀ ନିୟମକୁ କାର୍ଯ୍ୟକାରୀ କରୁନାହାନ୍ତି ଏବଂ କମ୍ ପରିମାଣର ଓଜନରେ କେନ୍ଦ୍ରଗୁଡିକୁ ଯୋଗାଉଛନ୍ତି। ଏନେଇ ବାରମ୍ବାର ବିଭିନ୍ନ କାଗଜରେ ପ୍ରକାଶ ପରେ ରାଜ୍ୟ ସରକାର ନିୟମାନୁସାରେ ଜିଲାସ୍ତରୀୟ ସ୍କ୍ୱାଡ ଗଠନ ହୋଇଛି। ଜିଲାର ସ୍କ୍ୱାଡ ଏବଂ ବ୍ଲକର ଅଧିକାରୀଙ୍କ ସମ୍ମୁଖରେ ଛତୁଆ ପାଇଁ ସାମଗ୍ରୀ ମିଶାଯାଇ ଏହା ମିଲ କରିବା ପରେ ପକେଟରେ ଭର୍ତ୍ତି କରି ପ୍ରତିମାସର ୧ ତାରିଖରେ ପିଲା ଓ ଗର୍ଭବତୀଙ୍କୁ ବଣ୍ଟାଯାଉଛି। ହେଲେ ଗତ ୧ ତାରିଖରେ ବ୍ଲକର ଭାଲିଆସାହି ଅଙ୍ଗନୱାଡି କେନ୍ଦ୍ରରେ ବଣ୍ଟନ ସମୟରେ ଛତୁଆ ଏବଂ ଅନ୍ୟ ସାମଗ୍ରୀ ଓଜନ କରିବାରୁ ଲେଖା ହୋଇଥିବା ଓଜନ କମିଥିଲା। ଏ ନେଇ ଭାଲିଆସାହି ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପଚାରିବାରୁ ଛତୁଆ ଯୋଗାଣକାରୀ ଗ୍ରୁପ ଯେମିତି ଦେଉଛନ୍ତି ଆମେ ସେମିତି ବାଣ୍ଟୁଛୁ ବୋଲି କହିଥିଲେ। ଏନେଇ ଆର.ଉଦୟଗିରି ସିଡିପିଓ ଆବିଦା ପର୍‌ବିନ ଏହି ଅଭିଯୋଗ ମୋର ନଜରକୁ ଆସିନାହିଁ। ଆପଣଙ୍କ ଅଭିଯୋଗ ପରେ ଯୋଗାଣକାରୀ ଛତୁଆ ଗ୍ରୁପକୁ ଯେଉଁ କେନ୍ଦ୍ରରେ କମ୍ ପରିମାଣ ଛତୁଆ ଦିଆଯାଇଛି ତୁରନ୍ତ ସେଠାକୁ ବଳକା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବା ସହ ସେହି ଛତୁଆ ଯୋଗାଣ ଗ୍ରୁପକୁ ତାଗିଦ୍ କରିଛି ବୋଲି କହିଛନ୍ତି। ଛତୁଆ ବଣ୍ଟନ ସମୟରେ ସେହି ସେଣ୍ଟର ସୁପଭାଇଜରମାନେ ତଦନ୍ତ କରୁଛନ୍ତି ବୋଲି ସେ କହିଥିଲେ।

# ପୀଠକୁ ବଢ଼ିଲା ବସ୍ ଭଡ଼ା, ଭୋଜି କଲେ ଫି ଆଦାୟ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

**ଛତ୍ରପୁର,୭।୨(ଡି.ଏନ.ଏ)**

ଗଞ୍ଜାମ ଜିଲାର ଆରାଧ୍ୟା ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଚଳିତବର୍ଷ ୫ ପାଳି ଯଥା ଆସନ୍ତା ମାର୍ଚ୍ଚ ୧୦, ୧୭, ୨୪, ୩୧ ଓ ଏପ୍ରିଲ ୭ ତାରିଖରେ ମା'ଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ହେବ । ପାହାଡ ଉପରକୁ ମା'ଙ୍କ ମନ୍ଦିର ନିକଟକୁ ଭକ୍ତମାନଙ୍କୁ ନେବା ପାଇଁ ୧୦ଟି ଘରୋଇ ବସ୍ ବ୍ୟବସ୍ଥା ହେବ । ପୂର୍ବବର୍ଷ ବସ୍ ଭଡା ୫୦ ଟଙ୍କା ଥିବାବେଳେ ଚଳିତ ବର୍ଷ ୧୦ ଟଙ୍କା ବୃଦ୍ଧି କରାଯାଇଛି । ଜଣପିଛା ବସ୍ ଭଡା ୬୦ ଟଙ୍କା ହେବାକୁ ହେବ। ପାହାଡ଼ ପାଦ ଦେଶରେ ଥିବା ନଦୀର ୩ ଘାଟ ମଧ୍ୟରୁ ଗୋଟିଏରେ ଗାଧୁଆ ବନ୍ଦ ରଖାଯିବ । ଗତବର୍ଷ ଉକ୍ତ ଘାଟରେ ଗାଧୋଉ ଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା । ଘାଟ ନିକଟରେ ପର୍ଯ୍ୟାପ୍ତ ଆଲୋକର ବ୍ୟବସ୍ଥା ସହ ଅଗ୍ନିଶମ, ଓଡ୍ରାଫ୍ ଓ ପୋଲିସ ଟିମ୍ ମୁତୟନ ରହିବେ । ସେହିପରି ପାହାଡ଼ ତଳେ ଭୋଜି କରୁଥିବା ଲୋକଙ୍କଠାରୁ ଫି ଆଦାୟ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଫି' ବାବଦରେ ଲୋକଙ୍କୁ ରସିଦ ଦେବା ବାଧ୍ୟତାମୂଳକ କରାଯାଇଛି।

**ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ପ୍ରସ୍ତୁତି**

- ୫ ପାଳି ଯାତ୍ରାରେ ବନ୍ଦ ରହିବ ମଦ ଦୋକାନ
- ଲାଗିବ ସିସି କ୍ୟାମେରା, ପ୍ଲାଷ୍ଟିକ୍ ଫ୍ରି ଓ ସଫେଇକୁ ଗୁରୁତ୍ୱ

ମନ୍ଦିର ନିକଟରେ ଥିବା ବଡ଼ଗଛ ବିପଦସଙ୍କୁଳ ଭାବେ ଅଛି କି ନାହିଁ ଅନୁଧ୍ୟାନ କରି ଆବଶ୍ୟକ ପଡ଼ିଲେ କାଟିବାକୁ ସ୍ଥିର ହୋଇଛି । ରାଇପୁର ଅଞ୍ଚଳ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଓ ପ୍ଲାଷ୍ଟିକ୍ ଫ୍ରି କରାଯିବ ବୋଲି ଜିଲାପାଳ କହିଥିଲେ । ଏଥିସହ ସଫେଇ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଯାତ୍ରା ବେଳେ ବ୍ରହ୍ମପୁର ମହାନଗର ନିଗମରୁ ୪ଟି ମୋବାଇଲ ଟଏଲେଟ ଆଣି ରଖାଯିବ । ବିଭିନ୍ନ ଏନଏସିରୁ ୧୦ଟି ଟ୍ୟାଙ୍କର ଓ ସିନଟେକ୍ସ ଆଣି ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମଇଳା ପକାଇଲେ ପୋଲିସ ଓ ତହସିଲଦାର ସମ୍ପୃକ୍ତଙ୍କ ବିରୋଧରେ ମାମଲା ଦାଏର କରିବେ ବୋଲି ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ କହିଥିଲେ । ଯାତ୍ରା ମଙ୍ଗଳବାରଗୁଡ଼ିକ ମନ୍ଦିର ନିକଟ ଅଞ୍ଚଳରେ ୨୪ ଘଣ୍ଟା ମଦ ଦୋକାନ ବନ୍ଦ ରହିବ । ଏକ ଏନଫୋର୍ସ ଟିମ୍ ମଧ୍ୟ ମୁତୟନ ହେବେ। ସିସି କ୍ୟାମେରା ଲାଗିବ । ଟ୍ରାଫିକ୍, ଆଇନଶୃଙ୍ଖଳା ବ୍ୟବସ୍ଥା ଉନ୍ନତଧରଣର କରିବାକୁ କୁହାଯାଇଛି । ଡାକ୍ତରଙ୍କ ସହ ଫାଷ୍ଟଏଡ୍ ବ୍ୟବସ୍ଥା ରହିବ ବୋଲି ଜଣାପଡିଛି। ପ୍ରସ୍ତୁତି ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ ପଣ୍ଡା, ମନ୍ଦିର ନିର୍ବାହୀ ଅଧିକାରୀ ଓକିଲ ଟି. କେ. ରେଡ୍ଡୀ, ପୁରୁଷୋତ୍ତମପୁର ଏସଡିପିଓ ସୀମା ସ୍ୱାଇଁ, ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ସୀମାଞ୍ଚଳ ମହାନ୍ତି, ପୁରୁଷୋତ୍ତମପୁର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ୨୦ ସୁଦ୍ଧା ଜମାକାରୀଙ୍କ କାଗଜପତ୍ର ଯାଞ୍ଚ ନିର୍ଦ୍ଦେଶ

**ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ**

**ଛତ୍ରପୁର,୭।୨(ଡି.ଏନ.ଏ)**

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ଜମାକାରୀଙ୍କ କାଗଜପତ୍ର ଯାଞ୍ଚ ସମ୍ପର୍କିତ ଏକ ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିଷ୍ଟାଣ୍ଟ କଲେକ୍ଟର ଲିଲନ୍ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ । ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ କମ୍ପାନୀର ୧,୩୮୪ ଜମାକାରୀଙ୍କ କାଗଜପତ୍ର ଯାଞ୍ଚ କରିବାକୁ ଗଞ୍ଜାମ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଆସିଥିଲା । ବର୍ତ୍ତମାନ ସୁଦ୍ଧା ମାତ୍ର ୨୫୭ ଜମାକାରୀଙ୍କ କାଗଜପତ୍ର ଯାଞ୍ଚ ସରିଛି । ୨୦ ତାରିଖ ସୁଦ୍ଧା ସମସ୍ତ ଜମାକାରୀଙ୍କ କାଗଜପତ୍ର ଯାଞ୍ଚ କରି ରିପୋର୍ଟ ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ କ୍ଷେତ୍ରକୁ ଯାଇ ଯାଞ୍ଚ କରିବାକୁ କୁହାଯାଇଛି। ଏହାପରେ ୨୧ ତାରିଖରେ ବୈଠକ ବସି ଆଗାମୀ ପଦକ୍ଷେପ ନେଇ ଆଲୋଚନା କରାଯିବ ବୋଲି ଜଣାପଡିଛି ।




# କନ୍ଧମାଳକୁ ଖୁବ୍‌ଶୀଘ୍ର ହେବ ରେଳ ସଂଯୋଗ

**ଫୁଲବାଣୀ ଅଫିସ, ୭।୨**

କନ୍ଧମାଳ ଜିଲାବାସୀଙ୍କ ସ୍ୱପ୍ନ ସାକାର ହେବାରେ ଲାଗିଛି। କନ୍ଧମାଳକୁ ରେଳ ସଂଯୋଗ ଆଉ ବେଶି ଦୂର ନୁହଁ। ଚଳିତ ବଜେଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ନୂତନ ରେଳପଥ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଯେତେଶୀଘ୍ର ଜମି ଅଧିଗ୍ରହଣ କରିବେ ସେତେଶୀଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଶୁକ୍ରବାର ଫୁଲବାଣୀ ପ୍ରେସ୍ କ୍ଲବରେ ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଜଗନ୍ନାଥ ସାହୁ ସୂଚନା ଦେଇଛନ୍ତି।

ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ମୋଟ ୨୪୧ କିମି ରେଳ ଲାଇନ ପାଇଁ ୨୯୫୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। କନ୍ଧମାଳ ବିକାଶରେ ଏହା ମାଇଲ ଖୁଣ୍ଟ ହେବ।




ଭାଜପା କର୍ମକର୍ତ୍ତା।

ପୂର୍ବରୁ ଜିଲାକୁ ରେଳପଥ ପାଇଁ ଭାଜପା ବହୁବାର ଦାବିଜଣାଇ ଆସିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କ ଅବଦାନ ଏଥିରେ ରହିଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ରେଳପଥ ନିର୍ମାଣ କଲେ କନ୍ଧମାଳବାସୀଙ୍କ ସ୍ୱପ୍ନ ବାସ୍ତବ ରୂପ ନେବ। ସିଧାସଳଖ ଭାବେ ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୋନପୁର ଆଦି ଜିଲାର ଲୋକେ ଉପକୃତ ହେବେ। ଏସବୁ ଅଞ୍ଚଳର ସାମାଜିକ, ଅର୍ଥନୈତିକ ବିକାଶ ହେବ। କନ୍ଧମାଳର ହଳଦୀ, ଜୈବିକ ପନିପରିବା, ବନଜାତ ଦ୍ରବ୍ୟ, ଡୋକ୍ରା କାରିଗରି ପ୍ରଭୃତିର ସିଧାସଳଖ ବଜାର ଯୋଗୁ ଚାଷୀ ଉପକୃତ ହେବେ। ସେହିପରି ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ରେଳ ସଂଯୋଗ ହେତୁ କନ୍ଧମାଳ ଜିଲାକୁ ଅଧିକ ପର୍ଯ୍ୟଟକଙ୍କ ଭିଡ ଲାଗିବ। ଯାହା ଫଳରେ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ଅନ୍ୟ ଭାଜପା କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବନାରାୟଣ ପ୍ରଧାନ, କମଳକାନ୍ତ ପାଣ୍ଡେ, ଭାଜପା ସମ୍ପାଦକ ପରେଶ କୁମାର ମହାପାତ୍ର, ଆଇଟି ସେଲ ମୁଖ୍ୟ ରମେଶ ମହାନ୍ତି, ନଗର ସଭାପତି ସୁଶାନ୍ତ ମହାନ୍ତି, ତପନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଫାଇନାନ୍ସ କମ୍ପାନୀ କର୍ମଚାରୀଠାରୁ ଲୁଟ ଘଟଣା, ୪ ଗିରଫ

## ୨ ବାଇକ୍, ଛୁରି ସହ ୨୧,୬୦୦ ଟଙ୍କା ଜବତ

**କବିସୂର୍ଯ୍ୟନଗର,୭।୨**

କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଞ୍ଚଳରେ ଗତ ଜାନୁୟାରୀ ୨ ତାରିଖରେ ଘରୋଇ କମ୍ପାନୀ କର୍ମଚାରୀଙ୍କୁ ଛୁରି ଦେଖାଇ ଲୁଟ ହୋଇଥିଲା । ଲୁଟ୍ ପରେ ୬ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲେ । କମ୍ପାନୀ କର୍ମଚାରୀ ଗୋଳନ୍ଥରାର ଦିବାକର ବେହେରାଙ୍କ ଏତଲା କ୍ରମେ ସ୍ଥାନୀୟ ଥାନାରେ ନଂ. ୧/୨୦ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଆସିକା ଥାନା କେନ୍ଦୁପଦର ଗ୍ରାମର ରାଜା ପ୍ରଧାନ, ବୁଗୁଡ଼ା ଥାନା ଗୋଲିଆ ଗ୍ରାମର ବଣ୍ଟି ପ୍ରଧାନ ଓ ସନ୍ୟାସୀ ପୋଲେଇ ଏବଂ ଡୁଙ୍ଗୁରୀ ଗ୍ରାମର ଜିତେନ୍ଦ୍ର ଖଟାଇଙ୍କୁ କୋର୍ଟଚାଲାଣ କରାଯାଇଥିବା ଶୁକ୍ରବାର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରଭାତ ସାହୁ କହିଛନ୍ତି । ଏଥିସହ ଅଭିଯୁକ୍ତଙ୍କଠାରୁ ଟଙ୍କା ସ୍ୱାଇପ୍ ମେଶିନ, ଛୁରି, ୨ ବାଇକ୍ ଓ ୨୧,୬୦୦ ଟଙ୍କା ଜବତ ହୋଇଛି । ପ୍ରକାଶ ଯେ, ଆସିକାସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗାଁ ଗାଁରେ ବୁଲି ମହିଳା ଗୋଷ୍ଠୀଙ୍କୁ ଋଣ ଦେଇ ଟଙ୍କା ଆଦାୟ କରି ଫେରୁଥିବା ବେଳେ ଡୁଙ୍ଗୁରୀ-ବାଲିଛାଇ ମଧ୍ୟରେ ଅଭିଯୁକ୍ତମାନେ ଛୁରି ଦେଖାଇ ଟଙ୍କା ବ୍ୟାଗ, ମେଶିନ ଓ ବାଇକ୍ ଲୁଟ କରି ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ ।




# ରନ୍ଧାମଦ ଜବତ : ୪ ଗିରଫ

**ଆସିକା,୭।୨(ଡି.ଏନ୍.ଏ.)**

ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ ଶୁକ୍ରବାର ଆସିକା ନିକଟସ୍ଥ ଜଗନ୍ନାଥପଲ୍ଲୀ ଓ ପାକଲାପଲ୍ଲୀ ଏରୋଗୋଲା ବସା ଉପରେ ଚଢାଉ କରି ୮୦ ଲିଟର ରନ୍ଧାମଦ ଓ ୩୩ ଲିଟର ପାଉଚ୍ ମଦ ଜବତ କରିଛି। ଏହାଛଡା ୧୧୦ ଲିଟର ଗୁଡ ପୋଚ ନଷ୍ଟ କରାଯାଇଛି। ଏହି ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏ. ଆଉଲୁ, ଏ. ଜାନକୀ, ଏ. ଶଙ୍କର ଓ ପି. ସରୋଜିନୀ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଲା ସହକାରୀ ଉପନିରୀକ୍ଷକ ଦୁର୍ଯ୍ୟୋଧନ ଦିଗଲ୍ ସୂଚନା ଦେଇଛନ୍ତି। ଜିଲା ଅବକାରୀ ନିରୀକ୍ଷକ ରାଜେନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶ କ୍ରମେ ଦିଗାଲଙ୍କ ସମେତ ସହ ଉପନିରୀକ୍ଷକ ବାଳକୃଷ୍ଣ ପଣ୍ଡା, ରବୀନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ଏହି ଚଢାଉରେ ସାମିଲ୍ ଥିଲେ।

# ଦିବ୍ୟାଙ୍ଗ ଯୁବତୀଙ୍କ ଆତ୍ମହତ୍ୟା

ପାଟପୁର,୭।୨ପାଟପୁର ଥାନା କଙ୍କୋରଡା ଗ୍ରାମରୁ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ସେ ହେଲେ କଙ୍କୋରଡା ଗ୍ରାମର ବିଷ୍ଣୁ ପ୍ରିୟା ସେନାପତି। ମୃତ ଯୁବତୀଙ୍କ ମାମୁ ରବୀନ୍ଦ୍ର ନାୟକଙ୍କ ଏତଲାକ୍ରମେ ପାଟପୁର ପୋଲିସ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ କେହି ନ ଥିବାର ସୁଯୋଗ ନେଇ ଯୁବତୀ ଜଣକ ବେକରେ ପିନ୍ଧା ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ